# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 1 March - 2026

*************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଥିବା ମହାନଦୀ ଜଳବିବାଦର ଶୀଘ୍ର ସମାଧାନ ହେବ; କହିଲେ ଆଡ୍‌ଭୋକେଟ ଜେନେରାଲ
- ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତି ଯୋଗୁଁ ୩୫୦ଟି ଭାରତୀୟ ଘରୋଇ ବିମାନ ଉଡାଣ ବାତିଲ
- ଦେଶରେ ଗତ ମାସରେ ମୋଟ୍ ଏକ ଲକ୍ଷ ୮୩ ହଜାର କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ

ଏବଂ

- ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ଅନୁଷ୍ଠିତ ହେବ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

# ମହାନଦୀ ଜଳବିବାଦ

କ୍ଷେତ୍ର ପରିଦର୍ଶନ ପାଇଁ ଓଡ଼ିଶା ଗସ୍ତରେ ଆସିଥିବା ମହାନଦୀ ଜଳବିବାଦ ପ୍ରାଧିକରଣର ସଦସ୍ୟମାନେ ଆଜି ପୁରୀ ଗସ୍ତ କରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ପ୍ରାଧିକରଣର ଅଧ୍ୟକ୍ଷ ଜଷ୍ଟିସ୍ ବେଲା ଏମ୍ ତ୍ରିବେଦୀଙ୍କ ନେତୃତ୍ୱରେ ୧୦ ଜଣ ସଦସ୍ୟ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଥିବା ମହାନଦୀ ଜଳବିବାଦର ଶୀଘ୍ର ସମାଧାନ ହେବ। ପ୍ରାଧିକରଣର ସଦସ୍ୟମାନେ ଆସନ୍ତା ୭ ତାରିଖରୁ ଛତିଶଗଡ଼ ଗସ୍ତ କରି ସ୍ଥିତିର ଅନୁଧ୍ୟାନ କରିବେ। ଶ୍ରୀ ଆଚାର୍ଯ୍ୟ କହିଛନ୍ତି, ପ୍ରାଧିକରଣର ସଦସ୍ୟମାନେ ସମ୍ବଲପୁର ସ୍ଥିତ ହୀରାକୁଦ ଜଳଭଣ୍ଡାର ସହ ଆକାଶମାର୍ଗରୁ ମହାନଦୀ ଅବବାହିକା ଏବଂ ଅନ୍ୟ ସ୍ଥାନର ସ୍ଥିତି ଅନୁଧ୍ୟାନ କରିଥିଲେ। ମହାନଦୀ ଜଳର ଅଭାବ ଯୋଗୁଁ ପ୍ରଭାବିତ ଅଞ୍ଚଳ ଓ ଶାଖା ନଦୀର ସ୍ଥିତିକୁ ମଧ୍ୟ ସମୀକ୍ଷା କରିଥିଲେ। ପ୍ରାଧିକରଣର ସଦସ୍ୟମାନେ ଆଜି କଣାସ, ଗୋପ, ଡେଲାଙ୍ଗ, ବ୍ରହ୍ମଗିରି ଓ ନିମାପଡାରେ ମଧ୍ୟ ନଦୀଗୁଡ଼ିକର ତଦାରଖ କରିଛନ୍ତି। ଆସନ୍ତାକାଲି ସେମାନେ ଚିଲିକା ଯିବାର କାର୍ଯ୍ୟସୂଚୀ ରହିଛି ବୋଲି ଆଡଭୋକେଟ୍ ଜେନେରାଲ କହିଛନ୍ତି।

**- V/O - (**ପୀତାମ୍ବର ଆଚାର୍ଯ୍ୟ**)**

## ଫ୍ଲାଇଟ୍ କ୍ୟାନସେଲ

ପଶ୍ଚିମ ଏସିଆରେ ସୃଷ୍ଟ ଭୂ-ରାଜନୈତିକ ସ୍ଥିତି ଯୋଗୁଁ ୩୫୦ଟି ଭାରତୀୟ ଘରୋଇ ବିମାନ ଉଡ଼ାଣକୁ ବାତିଲ କରାଯାଇଛି । ଯାତ୍ରୀମାନେ ସମ୍ପୃକ୍ତ ଏୟାର୍ ଲାଇନ୍‌ସର ସଦ୍ୟତମ ସ୍ଥିତି ସମ୍ପର୍କରେ ଅବଗତ ହେବା ସହିତ ଯେକୌଣସି ପ୍ରକାର ସହାୟତା ଲାଗି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସହିତ ଯୋଗାଯୋଗରେ ରହିବା ନିମନ୍ତେ ସାମାଜିକ ଗଣମାଧ୍ୟମରେ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି । ଏୟାର୍ ଲାଇନ୍ସ, ବିମାନ ବନ୍ଦର ଅପରେଟର୍ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ସହ ସମନ୍ୱୟ ରକ୍ଷା କରାଯିବା ସହିତ ଯାତ୍ରୀମାନଙ୍କୁ ସୁବିଧା ଯୋଗାଇଦେବା ଲାଗି ସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ପର୍ଯ୍ୟଟନ-ପ୍ରଭାତୀ ପରିଡା

ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ଲକ୍ଷ୍ୟ ସାଧନରେ ପର୍ଯ୍ୟଟନ କ୍ଷେତ୍ର ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି । କୋଣାର୍କସ୍ଥିତ ଇକୋ-ରିଟ୍ରିଟ୍‌ଠାରେ ପର୍ଯ୍ୟଟନ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀ ଓ ସମୀକ୍ଷା ବୈଠକରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ନୂଆ ପର୍ଯ୍ୟଟନ ନୀତି ଆଧାରରେ ଏହି କ୍ଷେତ୍ରକୁ ଅଧିକ ସମୃଦ୍ଧ କରିବା ଦିଗରେ ସରକାର କାର୍ଯ୍ୟ କରୁଛନ୍ତି । ସରକାରୀ ଅଧିକାରୀମାନେ ପ୍ରଥମ ପ୍ରତିନିଧି ଭାବେ କାର୍ଯ୍ୟ କରିବାକୁ ହେବ । ଲ୍ୟାଣ୍ଡ ବ୍ୟାଙ୍କର ଉପଯୋଗ

ସହ ଇକୋ-ରିଟ୍ରିଟ୍, କାର୍ବାନ୍-ଟୁରିଜିମ୍, ହୋମ୍-ଷ୍ଟେ, ଦୁଃସାହସିକ ଓ ଗ୍ରାମୀଣ ପର୍ଯ୍ୟଟନ ଆଦି ନୂତନ ମଡେଲଗୁଡ଼ିକୁ ଗୁରୁତ୍ୱ ଦେବା ଉପରେ ବୈଠକରେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରରେ ବିଭାଗର କମିଶନର ତଥା ଶାସନ ସଚିବ ବଲଓ୍ୱନ୍ତ ସିଂ ଏବଂ ପର୍ଯ୍ୟଟନ ଉନ୍ନୟନ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପର୍ଯ୍ୟଟନ-ପ୍ରଭାତୀ-୨

ପର୍ଯ୍ୟଟନସ୍ଥଳିଗୁଡ଼ିକୁ ଭ୍ରମଣ ସ୍ଥାନ ଭାବେ ବିକଶିତ କରାଯାଇ ପର୍ଯ୍ୟଟକଙ୍କୁ ନୂତନ ଅନୁଭୂତି ପ୍ରଦାନ କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି । ପୁରୀଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମତୀ ପରିଡା କହିଛନ୍ତି, ଓଡ଼ିଶାର ଆତିଥ୍ୟ ଶିଳ୍ପକୁ ସମୃଦ୍ଧ କରିବାରେ ପର୍ଯ୍ୟଟନ କ୍ଷେତ୍ରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

## ଜିଏସ୍‌ଟି

ଦେଶରେ ଗତମାସରେ ମୋଟ୍ ଦ୍ରବ୍ୟ ଓ ସେବା କର-ଜିଏସଟି ବାବଦରେ ମୋଟ୍ ୧ ଲକ୍ଷ ୮୩ ହଜାର କୋଟି ଟଙ୍କା ସଂଗ୍ରହ ହୋଇଛି । ଗତବର୍ଷ ତୁଳନାରେ ଏହା ୮ ଦଶମିକ ଏକ ପ୍ରତିଶତ ବୃଦ୍ଧି ପାଇଛି । ଗତବର୍ଷ ଫେବୃୟାରୀ ମାସରେ ଜିଏସ୍‌ଟି ବାବଦରେ ମୋଟ୍ ୧ ଲକ୍ଷ ୬୯ ହଜାର କୋଟି ଟଙ୍କା ସଂଗ୍ରହ ହୋଇଥିଲା । ଚଳିତବର୍ଷ କେନ୍ଦ୍ରୀୟ ଜିଏସ୍‌ଟି ବାବଦରେ

୩୭ ହଜାର ୪୭୩ କୋଟି ଟଙ୍କା ଏବଂ ରାଜ୍ୟ ଜିଏସ୍‌ଟି ବାବଦରେ ୪୫ ହଜାର ୯୦୦ କୋଟି ଟଙ୍କା ସଂଗ୍ରହ କରାଯାଇଛି ।

## ରତ୍ନଭଣ୍ଡାର ଗଣତି ମଣତି

ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ । ବୈଠକରେ ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତିର ସମୟ ଧାର୍ଯ୍ୟ ଓ ଗୁଣ୍ଡିଚା ମନ୍ଦିର ଖୋଲିବା ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି । ସେବାୟତ ପିଲାଙ୍କପାଇଁ ଆଦର୍ଶ ଗୁରୁକୁଳ ପ୍ରତିଷ୍ଠା, ମହାପ୍ରଭୁଙ୍କ ନୂତନ ରତ୍ନପଲଙ୍କର ବ୍ୟବହାର, ଶ୍ରୀମନ୍ଦିର ଭିତରେ ଉଭୟ ପୋଲିସ୍ ଓ ସେବାୟତମାନଙ୍କ ମୋବାଇଲ୍ ଫୋନ ବ୍ୟବହାର ନିଷେଧ, ନାଟ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଓ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ଉପରେ ଆଲୋଚନା କରାଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଏଚ୍‌ପିଭି-ଟିକାକରଣ

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଜି ହ୍ୟୁମାନ୍ ପାପିଲୋମା ଭାଇରସ-ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଏଚ୍‌ପିଭି ଟିକାକରଣ ଦ୍ୱାରା କିଶୋରୀମାନଙ୍କ ମଧ୍ୟରେ ଦେଖାଦେଉଥିବା ଜରାୟୁ ଗ୍ରୀବା କର୍କଟ ରୋଗରୁ ସୁରକ୍ଷା ମିଳିପାରିବ। ଏଚ୍‌ପିଭି ଟିକାକରଣ

ଅଭିଯାନ ଅନ୍ତର୍ଗତ ରାଜ୍ୟର ୧୪ରୁ ୧୫ ବର୍ଷ ବୟସ ମଧ୍ୟରେ ଥିବା ୩ ଲକ୍ଷ ୩୬ ହଜାର କିଶୋରୀଙ୍କ ଟୀକାକରଣ କରାଯିବ। ଏଥିପାଇଁ ୩ ମାସ ସମୟ ଧାର୍ଯ୍ୟ କରାଯାଇଛି। ଏହି ଟୀକା ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦିଆଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଏହାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ।

**ନୟାଗଡ଼** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଏଚପିଭି ସଂକ୍ରମଣର ନିରାକରଣ ପାଇଁ ଟିକାକରଣ ଅଭିଯାନର ଶୁଭାରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାକୁ ୩ ହଜାର ୫୦୦ ଟିକା ପ୍ରଦାନ କରାଯାଇଛି। ଆଗାମୀ ଦିନରେ ୧୦ ହଜାର ଟିକାକରଣର ଲକ୍ଷ୍ୟ ରଖାଯାଇଛି।

**କେନ୍ଦ୍ରାପଡା** ଜିଲ୍ଲାରେ ବିଧାୟକ ଗଣେଶ୍ୱର ବେହେରା, ଡକ୍ଟର ଦୁର୍ଗାପ୍ରସନ୍ନ ନାୟକ ଏହି ଟିକାକରଣ ଅଭିଯାନର ଶୁଭାରମ୍ଭ କରିଛନ୍ତି। ପ୍ରାୟ ୧୬ ହଜାରରୁ ଊର୍ଦ୍ଧ୍ୱ କିଶୋରୀଙ୍କୁ ଟିକାକରଣ କରାଯିବାର ଲକ୍ଷ୍ୟ ରଖାଯାଇଛି।

**କଟକ** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ଟିକାକରଣ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଆଗାମୀ ୩ ମାସ ପର୍ଯ୍ୟନ୍ତ ନିର୍ଦ୍ଧାରିତ ସରକାରୀ ଚିକିତ୍ସାଳୟଗୁଡ଼ିକରେ ଏଚ୍‌ପିଭି ଟିକାକରଣ କରାଯିବ।

**ବୌଦ୍ଧ** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଟିକାକରଣ ଅଭିଯାନର ଶୁଭାରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଅଭିଯାନରେ ଜିଲ୍ଲାର ୩ ହଜାର ୯୧୧ ଜଣ କିଶୋରୀଙ୍କୁ ଟିକାକରଣ କରାଯିବ।

**କଳାହାଣ୍ଡି** ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଭବାନୀପାଟଣା କଲେଜଛକସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାର ୩୬ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ୧୨ ହଜାର ୪୪୬ ଜଣ କିଶୋରୀଙ୍କୁ ଟିକା ପ୍ରଦାନ କରାଯିବ।

**ନବରଙ୍ଗପୁର** ବିଧାୟକ ଗୌରୀଶଙ୍କର ମାଝୀ ସ୍ଥାନୀୟ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ଜିଲ୍ଲାର ୧୦ଟି ବ୍ଲକ୍‌ରେ ୧୨ ହଜାର ୩୭୫ ଜଣ କିଶୋରୀଙ୍କୁ ଟିକା ପ୍ରଦାନ କରାଯିବାର ଲକ୍ଷ୍ୟ ରଖାଯାଇଛି।

## ଆଲୋଚନାଚକ୍ର

**ଯାଜପୁର** ଜିଲ୍ଲା ମହୋତ୍ସବ ଯଯାତି ଉପଲକ୍ଷେ ବ୍ୟାସନଗରସ୍ଥିତ ଟାଉନ୍‌ହଲ୍‌ଠାରେ 'ଜେ-ଲିଡ୍ ୨୦୨୬' ଯାଜପୁର ଯୁବ ସମ୍ବାଦ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସାମ୍ପ୍ରତିକ ଅର୍ଥନୈତିକ ପରିଦୃଶ୍ୟ-

ସମ୍ଭାବନା ଏବଂ ଆହ୍ୱାନ ଶୀର୍ଷକ ବିଷୟବସ୍ତୁକୁ ନେଇ ଏକ ସଂପାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୋରେଇ ବିଧାୟକ ଆକାଶଦାସ ନାୟକ ଯୋଗଦେଇ ବିଶ୍ୱ ମାନଚିତ୍ରରେ ଯାଜପୁର ଜିଲ୍ଲାର ଅର୍ଥନୈତିକ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସମେତ ବିଭାଗୀୟ ଅଧିକାରୀ, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ ।

## ବାର୍ ହଲ୍ ଉଦ୍‌ଘାଟନ

**ନୟାଗଡ଼** ଜିଲ୍ଲା ଓକିଲ ସଂଘର ନବନିର୍ମିତ ବାର୍ ହଲ୍‌କୁ ବାଚସ୍ପତି ସୁରମା ପାଢ଼ୀ ଉଦ୍‌ଘାଟନ କରି କହିଛନ୍ତି, ନ୍ୟାୟ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଆଇନଜୀବୀଙ୍କର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ନୂତନ ବାର୍ ହଲ୍, ଆଇନ୍‌ଜୀବୀମାନଙ୍କ କାର୍ଯ୍ୟକଳାପ ଓ ପେଶାଗତ ଆଲୋଚନା ପାଇଁ ସୁବିଧାଜନକ ପରିବେଶ ସୃଷ୍ଟି କରିବ ।

## ଦହିବରା ଆଳୁଦମ୍ ଦିବସ

**କଟକ** ଜିଲ୍ଲା ପ୍ରଶାସନ ପକ୍ଷରୁ କଟକ ମହାନଗର ନିଗମ, କଟକ ଉନ୍ନୟନ କର୍ତ୍ତୃପକ୍ଷ ଓ ଜିଲ୍ଲା ସଂସ୍କୃତି ପରିଷଦର ସହଯୋଗରେ ଆଜି କଟକ ଦହିବରା ଆଳୁଦମ୍ ଦିବସ ବାଲିଯାତ୍ରା ତଳ ପଡିଆ ସ୍ଥିତ କଟକ୍-ଇନ୍-କଟକରେ ପାଳନ କରାଯାଇଛି । ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ୍ ସିନ୍ଦେ ଉତ୍ସବରେ ଯୋଗଦେଇ କହିଛନ୍ତି, ରୌପ୍ୟନଗରୀ କଟକ ସହରର ଅନ୍ୟତମ

ପରିଚୟ ହେଉଛି ଦହିବରା-ଆଳୁଦମ୍। ଗତବର୍ଷଠାରୁ  ମାର୍ଚ୍ଚ ଏକ ତାରିଖକୁ ଦହିବରା-ଆଳୁଦମ୍ ଦିବସ ଭାବେ ପାଳନ କରାଯାଇ ଏକ ନୂତନ ପରମ୍ପରା ସୃଷ୍ଟି କରାଯାଇଛି। ଆଜି ଅନୁଷ୍ଠିତ ଏହି ଉତ୍ସବରେ ବିଭିନ୍ନ ଦହିବରା ବ୍ୟବସାୟୀ ଓ ସ୍ୱୟଂସହାୟକ ଗୋଷ୍ଠିର ମହିଳାମାନେ ଯୋଗଦେଇ ଷ୍ଟଲ୍ ଖୋଲିଥିଲେ।

## ଯୁବସଂସଦ କାର୍ଯ୍ୟକ୍ରମ

**ଭଦ୍ରକ** ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ବିକଶିତ ଭାରତ ଯୁବସଂସଦ ୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୨୦୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ।

## ନାଗରିକ ସୁରକ୍ଷା ଦିବସ

ପ୍ରାକୃତିକ ବିପର୍ଯ୍ୟୟ, ଯୁଦ୍ଧ କିମ୍ବା କୌଣସି ଆପାତକାଳୀନ ସମୟରେ ନାଗରିକଙ୍କ ସୁରକ୍ଷାର ମହତ୍ତ୍ୱ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ 'ବିଶ୍ୱ ନାଗରିକ ସୁରକ୍ଷା ଦିବସ' ଆଜି ପାଳନ କରାଯାଉଛି। ୧୯୯୦ ମସିହାରେ ଆନ୍ତଃ ରାଷ୍ଟ୍ରୀୟ ସୁରକ୍ଷା ସଂଗଠନ ଦ୍ୱାରା ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା। ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଏକ ସ୍ଥିର ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ପରିବେଶଗତ ବିପଦ ପରିଚାଳନା'। ପରିବେଶ ପ୍ରଦୂଷଣ ଜନିତ ସମସ୍ୟା ଏବଂ ଜଳବାୟୁ ପରିବର୍ତ୍ତନର ବିଭିନ୍ନ ଦିଗ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏହାର ମୂଳ ଲକ୍ଷ୍ୟ।